

# ପାୟଲ ନିଖୋଜ

मुस्कान



ଏକଲବ୍ୟ ପ୍ରକାଶନ

# ପାୟଲ ନିଖୋଜ



ପାୟଲ ଜେଲ୍‌ରେ ବନ୍ଦ ଅଛି ।




ପାୟଲ ବରକୋଳି ଖାଉଛି ।



ମୟୂର ଉପରେ ବସିଛି ।



ଖସଡ଼ାରେ ଖୋଜିଲୁ ।



ପାୟଲ ଘୁଷୁରି ଉପରେ ବସିଛି ।

ମୁସ୍କାନ୍‌ରେ ପିଲାମାନଙ୍କ ବିଚାରକୁ ବଢ଼ାଇବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଥରେ ୬ରୁ ୮ ବର୍ଷ ବୟସର ପିଲାମାନଙ୍କ ପାଖରେ ଏଭଳି ଏକ ପରିସ୍ଥିତି ରଖାଗଲା ଯେ ଧରାଯାଉ ତୁମ ସାଙ୍ଗ ପାୟଲ ନିଖୋଜ ହେଇଯାଇଛି । ତୁମକୁ କ'ଣ ଲାଗୁଛି କି ସେ କେଉଁଠି ଥାଇପାରେ ? ପିଲାମାନେ ତିନି-ତିନି, ଚାର-ଚାରି ଜଣ ଏକାଠି ହୋଇ ବସି ଭାବିଲେ ଓ ଚିତ୍ର କଲେ ଯେ ସେମାନେ ତା'କୁ କେଉଁ କେଉଁ ଜାଗାକୁ ଖୋଜିବାକୁ ଗଲେ ଓ ତାଙ୍କ ଚିନ୍ତାରେ ସେ କେଉଁଠି ଶେଷରେ ମିଳିଲା । ତାଙ୍କ କଥାକୁ ଶିକ୍ଷକମାନେ ଚିତ୍ର ସହିତ ଲେଖି ରଖିଲେ ।

ଏ କାହାଣୀ ପୁସ୍ତକ ପିଲାମାନଙ୍କ ଏ ସବୁ ବିଚାରର ଏକ ମିଶ୍ରିତ କାହାଣୀ ଅଟେ । ଏଠାରେ ପିଲାଙ୍କର କିଛି କଥା ଓ ତାଙ୍କର କିଛି ଚିତ୍ର ପ୍ରସ୍ତୁତ କରାଯାଇଛି । ଯାହାଦ୍ୱାରା ଆପଣ ପିଲାମାନଙ୍କ ଜୀବନର ବାସ୍ତବିକତା, ସଂସ୍କୃତି ଓ ବିଚାର କିଛି ଝଲକ ଜାଣିପାରିବେ ।




# ପାୟଲ ନିଖୋଜ


କାହାଣୀ- ମଂଜନା, ଆନମ୍, ରଂଗେସ୍‌ପାଲ୍, ଦିପୁ, ନିତିଶା, ବିନୋତା, ମୀନାସିଂ, କୁମ୍‌କୁମ୍, ବିନୋଦ, ସୁରେନ୍ଦ୍ର, ଭାନୁରାଜ, ଦିଲ୍‌ବରସ୍, ଆସିଫ୍ ପ୍ରଦ୍ୟାମଣୀ, ରାଜା, ରାଜଓ୍ୱୀର, ଦୀୟା, ସବିତା ସୋହିତ୍, ଶଶିକଳା, ମହୀନ୍ ମିର୍ଜା, ଶିବାନୀ ତନେଜା

ଅଳଂକରଣ- କନକ ଶଶୀ


ଓଡ଼ିଆ ଅନୁବାଦ- ଦାଶ ବେନହୁର

ପାୟଲ ହଜି ଯାଇଛି । ସମସ୍ତେ ତା'କୁ ଖୋଜୁଛନ୍ତି । ସଂଜଲି କହିଲା, "ଆରେ କାଲି ସଂଜବେଳେ ତସ୍ମୀର ସହିତ ଦଉଡ଼ିରେ ଚାଲୁଥିଲା । ହେଇଥିବ ସେ ତାଙ୍କ ସହିତ ନ୍ୟୁ ମାର୍କେଟ୍‌କୁ ଖେଳ ଦେଖାଇବାକୁ ଯାଇଥିବ ।"






"ନାଇଁ, ଆଜି ତ ମୋ ମାଆ ଓ ଭଉଣୀ ହିଁ ଯାଇଛନ୍ତି", ଟାଳ ଛାତ ଉପରୁ ଢୋଲ ବାଡ଼େଇ ବାଡ଼େଇ ତସ୍ୱୀର କହିଲା ।
"ପାୟଲ ତ ତାଙ୍କ ସହିତ ଯାଇନି !"



କୁମ୍‌କୁମ୍‌ର ମନେ ପଡ଼ିଲା, "ମୁଁ ସିମ୍‌ରନ୍ କୁ ବଜାର ଆଡ଼େ ଯିବା ଦେଖିଥିଲି । ପାୟଲ ନିଶ୍ଚୟ ତା' ସହିତ କବାଡ଼ିବାଲା ପାଖରେ ଜିନିଷ ଖୋଜୁଥିବ । ସେ  ଦୁଇ ଜଣ ଅତି ଘନିଷ୍ଠ ସାଙ୍ଗ ।"




ସେମାନେ ସେଠାକୁ ଖୋଜିବାକୁ ଗଲେ, ଦେଖିଲେ ଜିନିଷ ବିକି ସିମ୍‌ରନ୍ ଚୁଡ଼ା ଉପମା ଖାଉଛି । କିନ୍ତୁ ପାୟଲ ତା’ ସହିତ ନ ଥିଲା ।




ସେତେବେଳେ ଲଖାର ମନେ ପଡ଼ିଲା । କହିଲା, "ସକାଳେ ଆଲୁଅବାଲା ଆସିଥିଲା । ଆନ୍ନା ନଗରରେ ବରଜାତି ଯିବେ । ପାୟଲ ବୋଧେ ସେଠାରେ ବତିକୁଣ୍ଡ ଧରିବାକୁ ଯାଇଥିବ ।"

ରଜନୀ କହିଲା, "ଆଲୁଅବାଲାକୁ ବତିକୁଣ୍ଡ ଉଠାଇବା ଲାଗି ମାତ୍ର ଆଠ ଜଣ ଲୋକ ଦରକାର ଥିଲା । ପାୟଲ ତାଙ୍କ ସହ ଯାଇନି ।"





ମୀନାସିଂ କହିଲା, "ଗୋଟେ ଥର ଘର ଭିତରେ ଦେଖିଦେବା । ହୁଏତ ସେ ଘରେ କୌଣସି କାମରେ ବ୍ୟସ୍ତ ରହିଥିବ ।" ଘର ଭିତରେ କେହି ନ ଥିଲେ ।




ପାୟଲର ଘରେ ଗୋଟିଏ କୁକୁର ରହୁଥିଲା । ପାୟଲ କୁକୁର ନାଁ ଅକ୍ଷୟ କପୁର ରଖିଥିଲା ।


ମୀନାସିଂ ଅକ୍ଷୟ କପୁରକୁ ପାୟଲ ବିଷୟରେ ପଚାରିଲା ।

ଅକ୍ଷୟ କପୁରକୁ ସକାଳୁ କେହି ଖଣ୍ଡେ ରୁଟି ଖାଇବାକୁ ଦେଇ ନ ଥିଲେ । ଭୋକିଲା ଅକ୍ଷୟ କପୁର ମୀନାସିଂ ଉପରକୁ ଭୁକିଲା ।

ମୀନାସିଂ ତୁରନ୍ତ ସେଠାରୁ ଡିଆଁ ମାରି ଛୁ' ।




ଆମେ ସମସ୍ତେ ପୋଖରୀ ଆଡ଼କୁ ଗଲୁ । ବୋଧେ ସେଠି ବାପାଙ୍କ ସହିତ ମାଛ ଧରିବାକୁ ଯାଇଥିବ ।



ପାଣିରେ ସଲିମ୍ କାକାଙ୍କର ଡଙ୍ଗା ଥିଲା ଓ ରାକେଶ ମାମୁଙ୍କର ଡଙ୍ଗା ବି ଥିଲା । କେତେ ଲୋକ ମାଛ ଧରିବା ପାଇଁ ବଂଶୀ ଧରି ବସିଥିଲେ ।


ଦିନଟା ସେମିତି ଥିଲା, ନା ମାଛ ଧରି ହେଉଥିଲା, ନା ଆମମାନଙ୍କୁ ପାୟଲ ମିଳୁଥିଲା ।




ଆମେ ଜଙ୍ଗଲକୁ ଗଲୁ । ନୀରଂଜନା
ଓ ସୁହାସିନୀ କାଠ ବାନ୍ଧୁ ଥିଲେ ।



ଆମେ ମଧ୍ୟ ତାଙ୍କୁ ସାହାଯ୍ୟ କଲୁ ।
ସେମାନେ କହିଲେ, "ପାୟଲ ତ
ଏଠାକୁ ଆସିନି ।"




ରାଜବୀର୍ କହିଲା, "ଷ୍ଟେସନ୍ କୁ ଯାଇ ଦେଖିବା । ସମସ୍ତଙ୍କ ଉପରେ ରାଗି ଯାଇ କାଳେ ରେଳଗାଡ଼ିରେ ଚଢ଼ି ଯାଇଥିବ । ସମସ୍ତେ ତ ତାକୁ କିଛି ନା କିଛି କାମ କରାନ୍ତି ।"




ଷ୍ଟେସନ୍‌ରେ ଦିନବେଳା କୌଣସି ରେଳଗାଡ଼ି ଠିଆ ହୋଇ ନ ଥିଲା । ବିପିନ୍ ଶୋଇ ଥିଲା । ସାୟା ବସି କାଗଜ ସାବୁନ୍ ଓ ଚାବି ରିଂ ଜମା କରୁଥିଲା । ଅକରମ୍ ଚା କେଟ୍‌ଲି ଧୋଉ ଥିଲା ।

କେହି ବି ପାୟଲ କୁ ଦେଖି ନ ଥିଲେ ।




ଏବେ ଆଉ ଖୋଜିବା ପାଇଁ ବଳ ନ ଥିଲା । ସମସ୍ତେ ଘରକୁ ଫେରିବାକୁ ଲାଗିଲେ ।

ସେତିକିବେଳେ ତେନ୍ତୁଳି ଗଛ ମୂଳରୁ କାହାର ସ୍ୱର ଶୁଭିଲା । "କୋଉଠୁ ଆସୁଚ ତୁମେ ସମସ୍ତେ ? ତେନ୍ତୁଳି ଖାଇବ ?"



ସମସ୍ତେ କହିଲେ, "ଏଇ ଦେଖ...ଯାକୁ ଆମେ କୋଉଠି କୋଉଠି ନ ଖୋଜିଲୁ, ଆଉ ଇଏ ଏଇଠି ନିଜ ଭିତରେ ହିଁ ହଜିଯାଇଛି ।"



ପ୍ରଥମେ ସିମ୍ରନ୍ ପାୟଲ ପିଠିରେ ବସି ପଡ଼ିଲା ଓ କୁମ୍କୁମ୍ ତା’ ଗୋଡ଼ ଟାଣିଲା ।

ନସୀବା ନିଜ ବ୍ୟାଗ୍ରୁ କ’ଣ ଗୋଟେ ବାହାର କଲା । କିନ୍ତୁ ସେମାନଙ୍କର ମଉଜ-ମସ୍ତି କମୁ ନ ଥିଲା ।

ଶେଷରେ ମୀନାସିଂ ଜୋର୍‌ରେ ପାଟି କରି କହିଲା, “ଚାଲ, ଏବେ ଶୀଘ୍ର ଜନ୍ମଦିନ ପାଳିବା...ନସୀବା, ଲଖା, ଆଉ ମୋର... ଆଜିର ଦିନଟା ପରା ଆମେ ଠିକ୍ କରିଥିଲେ ! ନ ହେଲେ ଆମ ପରିଶ୍ରମ ସବୁ ପିମ୍ପୁଡ଼ି ଚାଟି ଦେବ ଯେ !”



# ପାୟଲ ନିଖୋଜ

## Payal Nikhoj

Class Activities: Savita Sohil, Shashikala
Story: Mahin Mirza & Shivani Taneza
Illustrations: Kanak Shashi
Cover: 2 & 3 Illustrations: Manjna, Aanam, Rangespal, Deepu, Nitisha, Binota, Mansigh, Kumkum, Vinod, Surendra, Bhanuraj, Dilbaras, Aasif, Pradyamani, Raja, Rajveer, Diya
Translated by: Dash Benhur

Eklavya & Muskaan
The license only allows readers to use the text in this book and share them with others for free distribution under a similar Creative Commons license as long as they credit Eklavya & Muskaan. The text cannot be changed in any way or used commercially. For any kind of permission for commercial use, the author may be contacted through publisher.

This Oriya translation is supported by the Parag initiative of Tata Trusts.

April 2018 / 1500 copies
Reprint: January 2023 / 1000 copies
Reprint: December 2023 / 3500 copies
Paper: 100 gsm Maplitho and 210 gsm Paper Paper board (Cover)
ISBN: 978-81-936759-9-1
Price ₹ 120.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in

**Muskaan**
'Mitti Ka Ghar'
Plot No. 264-265, Behind Canara Bank
Neelbad, Bhopal 462 044 (MP)
www.muskaan.org / muskaan.office@gmail.com


Printed at: Aadarsh Private Limited, M.P. Nagar, Bhopal, Phone: +91 0755 255 5442

### ମୁସ୍କାନ ବିଷୟରେ କିଛି

୧୯୯୭ ମସିହାରୁ ଭୋପାଲର ବସ୍ତିଗୁଡ଼ାର ଶିକ୍ଷାକ୍ଷେତ୍ରରେ କାମ କରୁଛି ମୁସ୍କାନ । ସୀମାରେ ରହୁଥିବା ପିଲାମାନଙ୍କ ପାଇଁ ଆନୁଷ୍ଠାନିକ ପାଠପଢ଼ା ତାଙ୍କ ପାଖରେ ପହଞ୍ଚିପାରୁଥିବ କି ନାଇଁ ଓ ସେ ସବୁ ଅର୍ଥପୂର୍ଣ୍ଣ ହୋଇଥିବ କି ନାହିଁ- ଏ ସବୁ ଚିନ୍ତାଧାରାରେ ଲୁଚି ରହିଥିବା ପ୍ରଶ୍ନ ଓ ଭାବନାକୁ ବାସ୍ତବ କରିବା ଲାଗି କିଛି ବଛା ଯାଇଥିବା ବିଦ୍ୟାଳୟ ଏବଂ ବସ୍ତିରେ ଶିକ୍ଷାକେନ୍ଦ୍ର ଖୋଲା ଯାଇ ପାଠ ପଢ଼ା ଚାଲିଛି । ଅଭାବଗ୍ରସ୍ତ ସମୁଦାୟର ପିଲାମାନେ, ଯୁବକ, ମହିଳା ଓ ସବୁ ବୟସ୍କଙ୍କ ଅଧିକାର ପୂର୍ଣ୍ଣ କରିବା ପାଇଁ ଏକ ନ୍ୟାୟସଙ୍ଗତ ଓ ଯଥାର୍ଥ ଭାବରେ ସମାଜ ଗଠନ ପାଇଁ ଆମେ କାର୍ଯ୍ୟରତ ।


### ଏକଲବ୍ୟ: ଏକ ପରିଚୟ

ଏକଲବ୍ୟ ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥା । ଏହା ଗତ ତିରିଶି ବର୍ଷ ହେଲା ଶିକ୍ଷା ଏବଂ ଜନବିଜ୍ଞାନ କ୍ଷେତ୍ରରେ କାମ କରୁଛି । ଏକଲବ୍ୟର ମୁଖ୍ୟ ଉଦ୍ଦେଶ୍ୟ ଏଭଳି ଶିକ୍ଷାର ବିକାଶ ଯାହା ପିଲାମାନଙ୍କ ପରିବେଶ ସହ ଯୋଡ଼ି ହୋଇଥିବ; ଯାହା ଖେଳ ବା ସର୍ଜନାତ୍ମକ ଚିନ୍ତାଧାରା ଉପରେ ଆଧାରିତ । ଗତ କିଛି ବର୍ଷ ହେବ ଆମେ ଆମର କାର୍ଯ୍ୟ ପୁସ୍ତକ ପ୍ରକାଶନ କ୍ଷେତ୍ର ଆଡ଼କୁ ପ୍ରସାରିତ କରିଛୁ । ପିଲାଙ୍କ ପତ୍ରିକା 'ଚକମକ' ଛଡ଼ା 'ସ୍ରୋତ' (ବିଜ୍ଞାନ ଏବଂ ପ୍ରବିଧି ଫିଚର) ତଥା 'ଶୈକ୍ଷଣିକ ସନ୍ଦର୍ଭ' (ଶିକ୍ଷା ପତ୍ରିକା) ଆମେ ନିୟମିତ ପ୍ରକାଶନ କରୁଛୁ । ଶିକ୍ଷା, ଜନବିଜ୍ଞାନ, ପିଲାଙ୍କ ପାଇଁ ସର୍ଜନାତ୍ମକ କାର୍ଯ୍ୟ ଛଡ଼ା ବିକାଶ ଲାଗି ବ୍ୟାପକ ଦିଗ ଉପରେ ଜଡ଼ିତ ପୁସ୍ତକ, ପତ୍ରିକା, ସାମଗ୍ରୀ ଇତ୍ୟାଦି ଏକଲବ୍ୟ ପ୍ରସ୍ତୁତ କରୁଛି ଏବଂ ପ୍ରକାଶିତ ବି କରୁଛି ।




ଘର ଛାତ ଉପରେ ଖୋଜିଲି

ନଈରେ ପଡ଼ିଯାଇଛି ।




ଗାଡ଼ିରେ ଲୋକ ଜଣେ ଧରିଛି ।






ମୁଁ ଗୁହାଳ ଆଡ଼େ ଖୋଜିବାକୁ ଗଲି
ଯେ ଗାଈ ମାରିବାକୁ ଗୋଡ଼େଇଲା ।



ବିଲ୍ଡିଂ ଆଡ଼େ ଯାଉଥିଲା ।

ପିମ୍ପୁଡ଼ିକୁ ପଚାରିଲି ତ ପିମ୍ପୁଡ଼ି
ମତେ କାମୁଡ଼ି ଦେଲା ।



ସକାଳୁ ପାୟଲ ବସ୍ତିରେ


ଦେଖିବାକୁ ମିଳୁନି ।

କେଉଁଠିକୁ ଯାଇଥିବ....

ଚାଲ, ତା'କୁ ଖୋଜିବା ।




ପାୟଲ ଜଙ୍ଗଲରୁ ମିଳିଲା



ପାୟଲ କାନ୍ଦୁଚି ।



ପାୟଲ ଭାବୁଥିଲା କୋଉଠିକୁ ଯିବ ।



parag
AN INITIATIVE OF TATA TRUSTS

एकलव्य प्रकाशन

मुस्कान

Price: ₹ 120.00

9 788193 675991

ମୁସ୍କାନ ତଥା ଏକଲବ୍ୟର ମିଳିତ ପ୍ରକାଶନ

ସାର୍ ରତନ ଟାଟା ତଥା ନବଜବାଇ ରତନ ଟାଟା ଟ୍ରଷ୍ଟ୍‌ର ଆର୍ଥିକ ସହାୟତାରେ ପ୍ରସ୍ତୁତ ।